**GOVERNMENT OF ODISHA**
**HIGHER EDUCATION DEPARTMENT**
******

No. HE-SLR-POLICY-0001-2024 51243 /HE, Dated: 19.12.2024

From:

Smt. Prativa Sahu, OAS (S),
Joint Secretary to Government

To:

The Director,
Information & Public Relations Department, Bhubaneswar

Sub: Publication of Advertisement for online application of scholarship under Vyasakabi Fakir Mohan Bhasabruti Scheme- Higher Education Department for the Academic Year 2024-25

Madam/Sir,

I am directed to enclose herewith the soft and hard copies of the advertisement regarding online application of scholarship from eligible students under Vyasakabi Fakir Mohan Bhasabruti Scheme- Higher Education Department for the Academic Year 2024-25.

The said advertisement may please be published in the following English/Odia daily newspapers on 20.12.2024 as per I & PR rates for the general information of the public.

| | |
|---|---|
| English Daily | The Times of India |
| Odia Daily | The Sambad, The Samaj, The Prameya,<br>The Pragatibadi, The Dharitri |

A line of confirmation in this regard may please be acknowledged to this Department through e-mail (scholarshiphedgov@gmail.com). The cost of the advertisement will be borne by the Higher Education Department after receipt of the demands as per Government rules.

Yours faithfully,

Sahu 19/12/24

Joint Secretary to Government

Memo No. 51244 /H.E., Dated 19.12.2024

Copy forwarded to the General Manager (Admin), OCAC, Acharya Vihar, Bhubaneswar for information and necessary action and to live the scheme in State Scholarship Portal.

He/She is requested to upload the advertisement (copy attached) on the State Scholarship Portal and update the view key dates tab accordingly.

Sahu 19/12/24

Joint Secretary to Government

Memo No. 51245 /H.E., Dated 19.12.2024

Copy forwarded to All Colleges (SAMS & NON-SAMS) for information and necessary action.

Sahu 19/12/24

Joint Secretary to Government

Memo No. 51246 /H.E., Dated 19.12.2024

Copy forwarded to IT Section, Higher Education Department to upload in Department website and social media website "Facebook/Twitter".

Sahu 19/12/24

Joint Secretary to Government

ଓଡ଼ିଶା ସରକାର
ଉଚ୍ଚଶିକ୍ଷା ବିଭାଗ

**(୨୦୨୪-୨୫ ଶିକ୍ଷାବର୍ଷ ପାଇଁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ "ବ୍ୟାସକବି ଫକୀର ମୋହନ ଭାଷାବୃତ୍ତି ଯୋଜନା" ଅଧୀନରେ ଛାତ୍ରବୃତ୍ତି ପ୍ରଦାନ ପାଇଁ ଅନଲାଇନ୍ ଆବେଦନ ପତ୍ର ଦାଖଲ)**

ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ୨୦୨୪-୨୫ ଶିକ୍ଷାବର୍ଷ ପାଇଁ ଓଡ଼ିଶା କିମ୍ବା ରାଜ୍ୟ ବାହାରେ ଥିବା ଡିଗ୍ରୀ କଲେଜ,ସ୍ୱୟଂଶାସିତ ମହାବିଦ୍ୟାଳୟ କିମ୍ବା ବିଶ୍ୱବିଦ୍ୟାଳୟରେ, ଓଡିଆ ସମ୍ମାନ ବିଷୟ ରେ +୩ ପାଠ୍ୟକ୍ରମ କିମ୍ବା ଓଡିଆରେ ସ୍ନାତକୋତ୍ତର ପାଠ୍ୟକ୍ରମରେ ନାମ ଲେଖାଇଥିବା ଯୋଗ୍ୟ ଛାତ୍ରଛାତ୍ରୀଙ୍କଠାରୁ 'ବ୍ୟାସକବି ଫକୀର ମୋହନ ଭାଷାବୃତ୍ତି ଯୋଜନା' ଅଧୀନରେ ଛାତ୍ରବୃତ୍ତି ପ୍ରଦାନ ପାଇଁ ଅନଲାଇନ୍ ଆବେଦନ ଆହ୍ୱାନ କରାଯାଉଛି।

ଛାତ୍ରଛାତ୍ରୀମାନେ URL-www.scholarship.odisha.gov.in ମାଧ୍ୟମରେ ଛାତ୍ରବୃତ୍ତି ପାଇଁ ଆବେଦନ କରିପାରିବେ। ଏହି ଯୋଜନା ସମ୍ପର୍କିତ ବିସ୍ତୃତ ନିର୍ଦ୍ଦେଶାବଳୀ ଉଚ୍ଚଶିକ୍ଷା ବିଭାଗର ଷ୍ଟେଟ୍ ସ୍କଲାରସିପ୍ ପୋର୍ଟାଲରେ www.scholarship.odisha.gov.in ଅଧୀନରେ ଉପଲବ୍ଧ ଅଛି।

ଏହି ଛାତ୍ରବୃତ୍ତି ଅଧୀନରେ ପ୍ରଦାନ କରାଯାଉଥିବା ରାଶି, ପାଠ୍ୟକ୍ରମ ଏବଂ ଛାତ୍ରବୃତ୍ତି ସଂଖ୍ୟା ସମ୍ବନ୍ଧୀୟ ସବିଶେଷ ବିବରଣୀ ନିମ୍ନରେ ପ୍ରଦାନ କରାଗଲା ।

<table>
<tr><th>ପାଠ୍ୟକ୍ରମର ନାମ</th><th>ଛାତ୍ରବୃତ୍ତି ସଂଖ୍ୟା</th><th>ଛାତ୍ରବୃତ୍ତି ରାଶି</th><th>ପାଠ୍ୟକ୍ରମର ସମ୍ପୂର୍ଣ୍ଣ ଅବଧି ପାଇଁ ଛାତ୍ରବୃତ୍ତି ରାଶିର ପରିମାଣ</th><th>ମନ୍ତବ୍ୟ</th></tr>
<tr><td>ଓଡିଆ ସମ୍ମାନ ବିଷୟ ସହ<br>+୩ ପାଠ୍ୟକ୍ରମ</td><td rowspan="2">୨୦୨୪-୨୫ ଶିକ୍ଷାବର୍ଷରୁ, ପରିବର୍ତ୍ତିତ ନିର୍ଦ୍ଦେଶାବଳୀ ଅନୁସାରେ ଯୋଗ୍ୟତା ରଖୁଥିବା ସମସ୍ତ ଛାତ୍ରଛାତ୍ରୀ, ଏହି ଯୋଜନାର ଲାଭ ଉଠାଇପାରିବେ</td><td>ବର୍ଷକୁ ଏକକାଳୀନ ୨୦,୦୦୦ ଟଙ୍କା (କେବଳ ୧ ଥର)</td><td>₹୨୦,୦୦୦/-</td><td rowspan="2">ଛାତ୍ରଛାତ୍ରୀମାନେ ପାଠ୍ୟକ୍ରମର କେବଳ ପ୍ରଥମ ବର୍ଷରେ ଏହି ଛାତ୍ରବୃତ୍ତି ପାଇବା ପାଇଁ ଆବେଦନ କରିପାରିବେ।</td></tr>
<tr><td>ଓଡିଆରେ ସ୍ନାତକୋତ୍ତର</td><td>ବର୍ଷକୁ ଏକକାଳୀନ ୩୦,୦୦୦ ଟଙ୍କା (କେବଳ ୧ ଥର)</td><td>₹୩୦,୦୦୦/-</td></tr>
</table>

**ବିଶେଷ ଦ୍ରଷ୍ଟବ୍ୟ:** (୧) ସ୍କଲାରସିପ୍ ପାଇବା ପାଇଁ ଆଧାରକୁ ବାଧ୍ୟତାମୂଳକ କରାଯାଇଛି। ଦୟାକରି ଅନଲାଇନ୍ ଆବେଦନ ପତ୍ରରେ ନିଜର ସଠିକ୍ ଆଧାର ନମ୍ବର ପ୍ରଦାନ କରନ୍ତୁ। ଯଦି ଛାତ୍ରଛାତ୍ରୀଙ୍କ ଦ୍ଵାରା ଦିଆଯାଇଥିବା ଆଧାର ନମ୍ବର ଭୁଲ କିମ୍ବା ତାଙ୍କର ନୁହେଁ ବୋଲି ପ୍ରମାଣିତ ହୁଏ , ତେବେ ଆବେଦନ ଖାରଜ ହୋଇଯିବ ।

(୨) ଅନଲାଇନ ଆବେଦନ ପତ୍ରରେ, ବ୍ୟାଙ୍କ ଆକାଉଣ୍ଟ ସମ୍ବନ୍ଧୀୟ ସୂଚନା ପ୍ରଦାନ କରିବା ସମୟରେ ଆବେଦନକାରୀଙ୍କୁ ବହୁତ ସାବଧାନ ରହିବାକୁ ପଡିବ । ସଞ୍ଚୟ ବ୍ୟାଙ୍କ ଆକାଉଣ୍ଟ ଏବଂ ଆଇ.ଏଫ.ଏସ.ସି. କୋଡର କୌଣସି ଭୁଲ ତଥ୍ୟ ପ୍ରଦାନ ଯୋଗୁଁ, ଯଦି କୌଣସି ଭୁଲ ଆକାଉଣ୍ଟ ରେ ଟଙ୍କା ଜମା ହୁଏ କିମ୍ବା ଦିଆ ଯାଇଥିବା ଆକାଉଣ୍ଟ ରେ ଟଙ୍କା ଜମା ନ ହୁଏ, ସେଥିପାଇଁ ଉଚ୍ଚଶିକ୍ଷା ବିଭାଗ ଦାୟୀ ରହିବ ନାହିଁ।

**ଅନ୍ ଲାଇନ୍ ଆବେଦନ ପାଇଁ ନିର୍ଦ୍ଧାରିତ ସମୟ ସୀମା**

| | | |
|---|---|---|
| ୧ | ଛାତ୍ରଛାତ୍ରୀଙ୍କ ପାଇଁ ଅନ୍ ଲାଇନ୍ ଆବେଦନର ପ୍ରଥମ ତାରିଖ<br>ଛାତ୍ରଛାତ୍ରୀଙ୍କ ପାଇଁ ଅନ୍ ଲାଇନ୍ ଆବେଦନର ଶେଷ ତାରିଖ | ତା୨୦.୧୨.୨୦୨୪ରିଖ<br>ତା୦୫.୦୧.୨୦୨୫ରିଖ |
| ୨ | ଅନୁଷ୍ଠାନର ଅଧ୍ୟକ୍ଷ/ ମୁଖ୍ୟଙ୍କ ଦ୍ୱାରା<br>ଆବେଦନପତ୍ର ବୈଧୀକରଣ ର ସମୟ ସୀମା | ତା୨୦.୧୨.୨୦୨୪ରିଖରୁ<br>ତା୦୭.୦୧.୨୦୨୫ରିଖ |

**ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଧାରିତ ସମୟ ସୀମା ରେ ଆଉ ବୃଦ୍ଧି କରାଯିବ ନାହିଁ ।**

ଷ୍ଟେଟ୍ ସ୍କଲାରସିପ୍ ପୋର୍ଟାଲରେ ଅନ୍ ଲାଇନ୍ ଆବେଦନ କିମ୍ବା ଅନଲାଇନ୍ ବୈଧୀକରଣ ସମୟରେ ଛାତ୍ରଛାତ୍ରୀ କିମ୍ବା ଅନୁଷ୍ଠାନମାନେ କୌଣସି ସମସ୍ୟାର ସମ୍ମୁଖୀନ ହେଲେ ଉଚ୍ଚଶିକ୍ଷା ବିଭାଗର ହେଲ୍ପଲାଇନ୍,- ୦୬୭୪(୨୩୯୬୫୫୦), ୦୬୭୪(୨୩୨୩୪୦୧), ୦୬୭୪(୨୩୨୩୪୦୨), ୦୬୭୪(୨୩୨୩୪୦୩), ୦୬୭୪(୨୩୨୩୪୦୪) (ସମସ୍ତ କାର୍ଯ୍ୟଦିବସରେ ସକାଳ ୧୦.୩୦ରୁ ଅପରାହ୍ନ ୫.୩୦ ପର୍ଯ୍ୟନ୍ତ) କିମ୍ବା ଇ-ମେଲ୍ scholarshiphed@gmail.com ର ସହାୟତା ନେଇ ପାରିବେ।

ସ୍ୱା/-

ଯୁଗ୍ମ ଶାସନ ସଚିବ, ଉଚ୍ଚଶିକ୍ଷା ବିଭାଗ